## ସଂକ୍ଷେପରେ

### ନୟାଗଡ଼ରେ ୩୩ ନୂଆ ଆକ୍ରାନ୍ତ

**ନୟାଗଡ଼ ଅଫିସ,୧।୮:** ନୟାଗଡ଼ ଜିଲାରେ ଶନିବାର ୩୩ ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୬୬୧ରେ ପହଞ୍ଚିଛି। ତେବେ ସମସ୍ତ ଆକାନ୍ତ ସ୍ଥାନୀୟ ଅଞ୍ଚଳର। ନୂଆ ଆକ୍ରାନ୍ତ ମଧ୍ୟରୁ କେବଳ ଓଡଗାଁ ବ୍ଲକର ୨୯ ଅଛନ୍ତି। ସେହିପରି ୨ ଜଣ ନୟାଗଡ଼ ବ୍ଲକ ଓ ୨ଜଣ ରଣପୁର ବ୍ଲକର ବୋଲି ଜିଲାପାଳ ପୋମା ଟୁଡୁ ସୂଚନା ଦେଇଛନ୍ତି।

### ଯାଜପୁର: ପୁଣି ୪୪ ସଂକ୍ରମିତ

**ଯାଜପୁର ଅଫିସ,୧।୮:** ଯାଜପୁର ଜିଲାରେ ଶନିବାର ପୁଣି ୪୪ ଜଣ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ସଂକ୍ରମିତ ସଂଖ୍ୟା ୧୨୭୭ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ବିଞ୍ଝାରପୁର ବ୍ଲକର ୧୪, ଦଶରଥପୁରର ୧୨, ସୁକିନ୍ଦା ବ୍ଲକର ୬, ରସୁଲପୁରର ୨ଏ ବରୀ ଓ ବଡ଼ଚଣା ବ୍ଲକର ଜଣେ ଲେଖାଏ ରହିଛନ୍ତି। ଅନ୍ୟ ୮ ସଂକ୍ରମିତଙ୍କ ସଂକ୍ରାନ୍ତରେ ସିଡିଏମ୍‌ଓଙ୍କ କାର୍ଯ୍ୟାଳୟରୁ ସବିଶେଷ ତଥ୍ୟ ମିଳି ନ ଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି।

### ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣା: ଥାନାରେ ଅଭିଯୋଗ

**କୋରେଇ,୧।୮(ସ୍ୱ.ପ୍ର.):** କୋରେଇ ବ୍ଲକ ପାଣିକୋଇଲି ଥାନା ଅନ୍ତର୍ଗତ କରଦା ପଞ୍ଚାୟତର କରଦା ହରିହାଟ ପଡ଼ିଆ ଗାନ୍ଧୀପୀଠରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣାକୁ ନେଇ ଏକତା ପରିଷଦ ପାଣିକୋଇଲି ଥାନାର ଦ୍ୱାରସ୍ଥ ହୋଇଛି। ଜାତିର ପିତାଙ୍କୁ ଏଭଳି ଅସମ୍ମାନ କରିଥିବା ବ୍ୟକ୍ତିଙ୍କ ବିରୋଧରେ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିଷଦ ପକ୍ଷରୁ ଦାବି କରାଯାଇଛି। ଏହିମର୍ମରେ ପରିଷଦର କର୍ମକର୍ତ୍ତା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

### ଟ୍ରାକ୍ଟର ଧକ୍କାରେ ବୃଦ୍ଧ ମୃତ

**ଚଣ୍ଡିଖୋଲ,୧।୮(ଡ଼ି.ଏନ.ଏ):** ବାଲିଚନ୍ଦ୍ରପୁର ଥାନା ଅଧୀନ ମାଣ୍ଡୁକା ଛକ ନିକଟରେ ଶନିବାର ଏକ ଅଜଣା ଟ୍ରାକ୍ଟର ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଧର୍ମଶାଳା ଥାନା ଅନ୍ତର୍ଗତ ସାନରଇପଡ଼ା ଗ୍ରାମର ରତ୍ନାକର ବାରିକ(୬୦)। ସେ ରାସ୍ତା ପାର ହେଉଥିଲା ବେଳେ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ଫଳରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ବାଲିଚନ୍ଦ୍ରପୁର ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।

### ଶିଳ୍ପାଞ୍ଚଳ ଶ୍ରମିକ ସଂଘରୁ ଓହରିଲେ ପରେଶ ମୁର୍ମୁ

**ପାରାଦୀପ,୧।୮(ସ୍ୱ.ପ୍ର.) :** ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘର ଉପସଭାପତି ତଥା ପୂର୍ବତନ ଲେବରଟ୍ରଷ୍ଟି ପରେଶ ମୁର୍ମୁ ସଂଘରୁ ଓହରିଲେ ବୋଲି ଶନିବାର ସୂଚନା ଦେଇଛନ୍ତି। ସେ ୨୦୧୭ରେ ସଂଘରେ ସାମିଲ ହୋଇଥିଲେ। ସଂଘର ସଭାପତି ଅରିନ୍ଦମ ସର୍ଖେଲ(ବାପି)ଙ୍କ ସହ ସେ ମିଶି ଲେବରଟ୍ରଷ୍ଟି ନିର୍ବାଚନ ପାଇଁ ଉଦ୍ୟମ କରିଥିଲେ।୨୦୧୮ ଲେବରଟ୍ରଷ୍ଟି ନିର୍ବାଚନରେ ଉକ୍ତ ସଂଘକୁ ସର୍ବାଧିକ ଭୋଟ ମିଳିଥିଲା। ଏହାପରେ ସଂଘର ନିଷ୍ପତ୍ତି ଅନୁସାରେ ପରେଶଙ୍କୁ ଟ୍ରଷ୍ଟି ଚୟନ କରାଯାଇଥିଲା। ସଂଘ ଛାଡିବା ପ୍ରସଙ୍ଗରେ ପରେଶ କହିଛନ୍ତି, ପାରାଦୀପ ବନ୍ଦରର ବହୁବିଧ ସ୍ୱାର୍ଥ ଓ ଦୁର୍ନୀତି ବିରୋଧରେ ସେ ସ୍ୱର ଉଠାଇଥିଲେ। ଏହି ଘଟଣା ସମ୍ପର୍କରେ ସମସ୍ତେ ଅବଗତ ଥିଲେ। କିନ୍ତୁ କିଛି ଦିନ ହେଲା ସଂଘର ସଭାପତି ଓ ସଂପାଦକ ତାଙ୍କୁ ଅନେକକଥା ଲୁଚାଉଛନ୍ତି। ସେ ଯେଉଁ ପ୍ରସଙ୍ଗ ଉପରେ ବନ୍ଦର କର୍ତ୍ତୃପକ୍ଷ ଓ ଜାହାଜ ଚଳାଚଳ ମନ୍ତ୍ରଣାଳୟକୁ ଲେଖୁଛନ୍ତି ତାର ବିପରୀତ କଥା ସଂଘରେ କରାଯାଉଛି। ଏପରିକି ଏକ ବ୍ୟବହାରକାରୀ ସଂସ୍ଥାର ପ୍ରଦୂଷଣ ପ୍ରସଙ୍ଗରେ ସ୍ୱରକୁ ଅଣଦେଖା କରାଯାଇଛି। ୨୦୨୦ ଜାନୁୟାରୀରେ ସର୍ବଭାରତୀୟ ଆନ୍ଦୋଳନ ବେଳେ ସଂଘ ସାଲିସ କରି ଆନ୍ଦୋଳନରୁ ଓହରି ଯାଇଥିଲା।ଏମିତି ଅନେକ ଘଟଣାକୁ ନେଇ ମୁଁ ଓ ମୋର ସାଥି ବନ୍ଦର କର୍ମଚାରୀ ସଂଘ ଛାଡିଲୁ ବୋଲି ଦର୍ଶାଇଛନ୍ତି। ଏ ସମ୍ପର୍କରେ ସଭାପତି ସର୍ଖେଲ କହିଛନ୍ତି, ସେମିତି କିଛି ନାହିଁ, ବିଗତ ଦିନରେ ଏପରି କେତେଜଣ ଆଗଧାଡିର କର୍ମୀ ସଂଘ ଛାଡି ପୁଣି ଫେରିଛନ୍ତି।

# କ୍ଷେତରେ ଜଳିଗଲା ରୁଆ ଧାନ

**ନୟାଗଡ଼ ଅଫିସ,୧।୮**

- ଗୋଡ଼ିପଡ଼ାକୁ ମରୁଡ଼ି ଅଞ୍ଚଳ ଘୋଷଣା ଦାବି
- ଭଲ ବର୍ଷା ହୋଇଛି- କୃଷି ବିଭାଗ



ଗର୍ଜିନୀ ଗହୀରରେ ରୁଆ ହୋଇଥିବା ଧାନଗଛ ଜଳିଯାଇଛି।

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଗୋଡିପଡ଼ା ଅଞ୍ଚଳର ଗର୍ଜିନୀ ଓ ବାଲିମାଳ ଗହୀରରେ ରୁଆ ଧାନ ଜଳିଯାଇଛି। ବର୍ଷାହେଲେ ବି ଏଠାରେ ଆଉ ଧାନ ଗଛ ବଞ୍ଚିବନି ବୋଲି ଚାଷୀ କହୁଛନ୍ତି। ଅଞ୍ଚଳରେ ଏବେଠାରୁ ମରୁଡି ଦେଖାଦେଲାଣି। ହେଲେ କୃଷି ବିଭାଗର ରିପୋର୍ଟ କହୁଛି ଓଡଗାଁ ବ୍ଲକ ଅଞ୍ଚଳରେ ଭଲ ବର୍ଷା ହୋଇଛି। ଏପରିସ୍ଥଳେ ମରୁଡି ଅଞ୍ଚଳ ଘୋଷଣା କରି କ୍ଷତିପୂରଣ ଦେବାକୁ ସ୍ଥାନୀୟ ଚାଷୀ ଦାବି ଉଠାଇଛନ୍ତି।

ନୟାଗଡ଼, ରଣପୁର ଓ ଓଡଗାଁ ବ୍ଲକର ସୀମାନ୍ତ ଅଞ୍ଚଳ ଗୋଡିପଡ଼ା। ଏଠାକାର ଚାଷୀ ଚଳିତ ବର୍ଷ ମରୁଡି ଆଶଙ୍କା କରିଥିଲେ। ସ୍ୱଳ୍ପ ଚାଷୀ ଧାନ ବୁଣିଥିବାବେଳେ ଅନ୍ୟ କେତେଜଣ ତଳି ପକାଇଥିଲେ। ସ୍ୱଳ୍ପ ବୃଷ୍ଟିପାତ ଭିତରେ ବି ବିଲ କାଦୁଅ କରି ସେମାନେ ଧାନ ରୋଇଥିଲେ। ହେଲେ ପ୍ରାୟ ୩ ସପ୍ତାହ ଧରି ଆଦୌ ବର୍ଷା ନ ହେବାରୁ ଗର୍ଜିନୀ ଗହୀରରେ ରୁଆ ଧାନ ଜଳିଯାଇଛି। ବିଲରେ ଆଦୌ ଧାନ ଗଛ ନାହିଁ। କିଛି ଜମିରେ ଧାନ ରୁଆ ହେବା ପାଇଁ କାଦୁଅ ହୋଇ ରଖାଯାଇଥିଲା। ହେଲେ ବର୍ଷା ଅଭାବରୁ ତାହା ଶୁଖିଲା ପଡିଛି। ଆଉ କିଛି ଜମିରେ ଧାନ ରୁଆ ହୋଇସାରିଥିଲେ ବି ପାଣି ନାହିଁ। ଜମି ଫାଟି ସାରିଲାଣି। କିଛି ଲୋକ ପୋଖରୀ କିମ୍ବା କୂଅରୁ ପାଣି ମଡାଇ ଧାନକୁ ବଞ୍ଚାଇ ରଖିଛନ୍ତି। ହେଲେ ବର୍ଷା ନ ହେଲେ ଏହା ଉଜୁଡିଯିବ ବୋଲି ମତ ପ୍ରକାଶ ପାଇଛି। ଗର୍ଜିନୀ ଅଞ୍ଚଳରେ ଧାନଚାଷ କରିଥିବା ଗୋଡିପଡାର ବୈକୁଣ୍ଠ ମିଶ୍ର କୁହନ୍ତି, ରୁଆ ଧାନ ଜଳିଯିବା ପରେ ମରୁଡି ହୋଇସାରିଛି। ମୋର ୮ମାଣ ଜମିର ଧାନ ଜଳିଯାଇଛି। ମୋ ପରି ଅନେକ ଚାଷୀଙ୍କ ସମାନ ସମସ୍ୟା। ତେଣୁ ଆମ ଗର୍ଜିନୀ ଗହୀର ଅଞ୍ଚଳକୁ ମରୁଡି ଘୋଷଣା କରି ସରକାର ସହାୟତା ଯୋଗାଇବା ଦରକାର। ଯୁଗ ବେହେରା କୁହନ୍ତି, ମୋର ଗୋଡିପଡା ବଡପୋଖରୀ ନିକଟସ୍ଥ ବାଲିମାଳ ଗହୀରରେ ଥିବା ଜମି ଫାଟି ଆଁ କରିଛି। ମୋ ପରି ଅନେକ ଲୋକଙ୍କର ଜମି ଫାଟି ରହିଛି। ରୁଆ ଧାନ ଥୁଆ କୁହନ୍ତି। ହେଲେ ଚଳିତବର୍ଷ ରୁଆ ଧାନ ସମ୍ପୂର୍ଣ୍ଣ ଭାବେ ଜଳିଗଲା। ଏବେଠାରୁ ଆମ ଅଞ୍ଚଳରେ ମରୁଡି ହୋଇ ସାରିଲାଣି। ନୟାଗଡ ଜିଲା କୃଷି ଅଧିକାରୀ ଆୟୁର୍ବେଦୀ ମିଶ୍ର କୁହନ୍ତି, ଭାପୁର ଓ ରଣପୁର ଅଞ୍ଚଳରେ ସ୍ୱଳ୍ପ ବୃଷ୍ଟିପାତ ହୋଇଥିବା ରେକର୍ଡ କହୁଛି। ହେଲେ ଓଡଗାଁ ଅଞ୍ଚଳରେ ଭଲ ବର୍ଷା ହୋଇଛି। ଗୋଡିପଡା ଅଞ୍ଚଳ କ୍ଷେତ୍ର ପରିଦର୍ଶନ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

## ପୋଲିସଙ୍କୁ ଆକ୍ରମଣ କରି ଡାକ୍ତର ଗିରଫ

**କେନ୍ଦ୍ରାପଡ଼ା ଅଫିସ, ୧।୮**

କେନ୍ଦ୍ରାପଡ଼ା ସହର ମନକରପୁରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଦୁଇଜଣ ଡାକ୍ତରଙ୍କ ସମେତ ୬ ଜଣ କର୍ମଚାରୀ ଜଣେ ଖବରଦାତା ଓ ଟାଉନ ଥାନା ଏସ୍‌ଆଇଙ୍କୁ ଶୁକ୍ରବାର ବିଳମ୍ବିତ ରାତିରେ ଆକ୍ରମଣ କରିଥିଲେ। ଏହି ଘଟଣାରେ ଘରୋଇ ଚିକିତ୍ସାଳୟର ଡା. ଦେବାଶିଷ ସାହୁ ଓ ଡା. ଶିବାଶିଷ ସାହୁଙ୍କୁ ଟାଉନ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ବ୍ୟକ୍ତି ଏସ୍‌ଡିଜେଏମ୍ ପାରସ ଦାସଙ୍କ କୋର୍ଟରେ ହାଜର ପରେ ଜାମିନ ପାଇ ମୁକୁଳିଛନ୍ତି। ଥାନା ଅଧିକାରୀ ଜ୍ୟୋତିରଞ୍ଜନ ସାମନ୍ତରାୟଙ୍କ ସୂଚନା ଅନୁଯାୟୀ, ଏକ ୱେବ୍ ଚାନେଲର ଖବରଦାତା ସୁନୀଲ ମହାପାତ୍ର ମନକରପୁରସ୍ଥିତ ଘରୋଇ ଚିକିତ୍ସାଳୟରେ କୋଭିଡ୍ ୧୯ର ନିୟମାବଳୀ ପାଳନ ହେଉ ନ ଥିବା ଦେଖି ଫଟୋ ଉଠାଇଥିଲେ । ଏଥିରେ ସମ୍ପୃକ୍ତ ଦୁଇ ଡାକ୍ତର ଓ କର୍ମଚାରୀ ଖବରଦାତା ମହାପାତ୍ରଙ୍କୁ ମାଡ ମାରିବା ସହିତ ଫୋନ ଓ ବାଇକ୍ ଛଡାଇ ନେଇଥିଲେ । ଏ ନେଇ ଖବର ମିଳିବା ପରେ ଥାନା ଏସ୍‌ଆଇ ସୌମ୍ୟରଞ୍ଜନ ଜାଲି ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିବାରୁ ଦୁଇ ଡାକ୍ତର ତାଙ୍କୁ ଠେଲାପେଲା କରିଥିଲେ । ଖବରଦାତା ମହାପାତ୍ର ଓ ଏସ୍‌ଆଇ ଜାଲିଙ୍କ ଅଭିଯୋଗ କ୍ରମେ ଥାନାରେ ୨ଟି ମାମଲା (ନଂ.୧୨୬/୨୦ ଓ ୧୨୭/୨୦) ରୁଜୁ ହୋଇଥିବା ଥାନା ଅଧିକାରୀ ସାମନ୍ତରାୟ ସୂଚନା ଦେଇଛନ୍ତି ।

## ପିଙ୍କି ମୃତ୍ୟୁ ମାମଲା: ସ୍ୱାମୀ ଗିରଫ

**ଜଗତ୍‌ସିଂହପୁର ଅଫିସ, ୧।୮**



ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ଶାଳଜଙ୍ଗ (ମାଳିତୋଟା)ର ପିଙ୍କି ଆଚାର୍ଯ୍ୟଙ୍କ ମୃତ୍ୟୁ ଘଟଣାରେ ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସାରଦା ପ୍ରସାଦ। ଜୁଲାଇ ୨୨ରେ ପିଙ୍କିଙ୍କ ମୃତ୍ୟୁ ଘଟିଥିଲା। ପୋଲିସ୍ ସୂଚନା ଅନୁଯାୟୀ, ଗଞ୍ଜାମ ଜିଲାର ପିଙ୍କିଙ୍କ ସହ ସାରଦାଙ୍କ ବିବାହ ହୋଇଥିଲା । ସେମାନଙ୍କର ଏକ ୪ ବର୍ଷର ପୁଅ ଓ ୩ ବର୍ଷର ଝିଅ ଅଛି । ଗତ ମାସ ୨୨ ତାରିଖରେ ସାରଦାଙ୍କ ଦାଦା ପରମାନନ୍ଦ ଥାନାରେ ପିଙ୍କିଙ୍କ ମୃତ୍ୟୁ ସମ୍ପର୍କରେ ଜଣାଇଥିଲେ। ପିଙ୍କିଙ୍କ ଦେହ ଖରପ ଥିବା ଖବରପାଇ ସେ ତାଙ୍କୁ ଦେଖିବାକୁ ଯାଇଥିଲେ। ମାତ୍ର ସେତେବେଳକୁ ପିଙ୍କିଙ୍କ ମୃତ୍ୟୁ ହୋଇସାରିଥିଲା ବୋଲି ସେ ଅଭିଯୋଗ ପତ୍ରରେ ଦର୍ଶାଇଥିଲେ। ଏହାକୁ ଭିତ୍ତି କରି ପୋଲିସ ପ୍ରଥମେ ଅପମୃତ୍ୟୁ ମାମଲା ରୁଜୁ କରିଥିଲା । କିନ୍ତୁ ପରେ ଏହା ଏକ ହତ୍ୟାକାଣ୍ଡ ବୋଲି ଏସ୍‌ଆଇ (ସବ୍‌ଇନ୍‌ସ୍ପେକ୍ଟର) ଶ୍ୱେତପଦ୍ମା ଦାସ ତଦନ୍ତରୁ ଜାଣିବାକୁ ପାଇଥିଲେ । ଏସ୍‌ଆଇ ଦାସ ଦର୍ଶାଇଛନ୍ତି, ସେ ଦୁର୍ଘଟଣାସ୍ଥଳ ପରିଦର୍ଶନ କରି କିଛି ତଥ୍ୟ ପାଇଥିଲେ । ମୃତଦେହ ପଞ୍ଚନାମା କରାଗଲାବେଳେ ପିଙ୍କିଙ୍କ ଶରୀରରେ ଏକାଧିକ ଗଭୀର କ୍ଷତ ଥିବା ଜଣାପଡ଼ିଥିଲା । ସେହିପରି ମୃତଦେହ ବ୍ୟବଚ୍ଛେଦ ରିପୋର୍ଟରେ କଠିନ ଓ ଦନ୍ତରା ଅସ୍ତ୍ରରେ ଆଘାତ କରାଯାଇଥିବା ଦର୍ଶାଯାଇଛି। ଏହି ରିପୋର୍ଟକୁ ଆଧାର କରି ପୋଲିସ ଅପମୃତ୍ୟୁ ମାମଲାକୁ ହତ୍ୟା ମାମଲାରେ ରୂପାନ୍ତରିତ କରିଛି । ଏନେଇ ସାରଦାଙ୍କ ବିରୋଧରେ ଦଫା ୪୯୮-ଏ/୩୦୨/୩୦୪-ବି ଆଇପିସିରେ ମାମଲା ( ନଂ-୨୩୬/୨୦) ରୁଜୁ କରାଯାଇଛି ।

# ବକେୟା ଦରମା ଆଶାରେ ଅବସରପ୍ରାପ୍ତ ଶିକ୍ଷକ

**ରସୁଲପୁର, ୧।୮ (ଡି.ଏନ୍.ଏ.)**

**ରସୁଲପୁର ବ୍ଲକ: ଶିକ୍ଷା ବିଭାଗର ଅବହେଳା**

- ଅବସରକୁ ୪ବର୍ଷ ପୁରିଲାଣି, ମିଳିନି ୮ମାସର ବକେୟା ଦରମା
- ପେନ୍‌ସନ ଟଙ୍କାଠୁ ବଳିଯାଉଛି ଔଷଧ ଖର୍ଚ୍ଚ

୪ ବର୍ଷ ହେଲା ଅବସର ନେଇଥିଲେ ବି ୮ମାସର ବକେୟା ଦରମା ପାଇନାହାନ୍ତି ଶିକ୍ଷକ। ମେଡିକାଲ ଖର୍ଚ୍ଚ ପେନ୍‌ସନ୍ ଟଙ୍କାଠୁ ବଳିପଡୁଛି। ବକେୟା ଦରମା ପାଇଁ ଅନେକ ଥର ବିଭାଗୀୟ ଅଧିକାରୀଙ୍କୁ ଭେଟି ଜଣାଇବା ପରେ ବି କିଛି ସୁଫଳ ମିଳୁନି ବୋଲି କହିଛନ୍ତି ରସୁଲପୁର ବ୍ଲକ ଅଧୀନ ଗୋପୀନାଥ ଜୀଉ ନୋଡାଲ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ଦାସ।

ତାଙ୍କ ଅଭିଯୋଗ ଅନୁସାରେ, କୃଷ୍ଣଚନ୍ଦ୍ର ୨୦୧୬ ଅଗଷ୍ଟ ୩୧ରେ ଚାକିରୀରୁ ଅବସର ଗ୍ରହଣ କରିଥିଲେ। ସପ୍ତମ ବେତନ କମିଶନର ବର୍ଦ୍ଧିତ ଦରମା ହାରରେ ସେ ୨୦୧୬ ଜାନୁଆରୀରୁ ଅଗଷ୍ଟ ପର୍ଯ୍ୟନ୍ତ ୮ମାସର ବକୟା ଦରମା ବାବଦକୁ ୬୧,୪୪୮ ଟଙ୍କା ପାଇବାକୁ ବାକି ରହିଛି। ଏହାସହ ଅବ୍ୟବହୃତ ଛୁଟି ପାଇଁ ମିଳୁ ଥିବା ପ୍ରାପ୍ୟ ବି ସେ ପାଇନାହାନ୍ତି। ଚାକିରୀ ସର୍ତ୍ତାବଳୀ ଅନୁଯାଇ ତାଙ୍କ ନାମରେ ଜମା ହୋଇଥିବା ଜିଆଇଏସ୍ (ଗ୍ରୁପ୍ ଇନ୍‌ସ୍ୟୁରାନ୍ସ ସ୍କିମ୍) ଅର୍ଥରାଶି ମଧ୍ୟ ମିଳିନାହିଁ। ବକେୟା ଦରମା ପାଇଁ ସେ ବହୁବାର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ଅଭିଯୋଗ କରିଛନ୍ତି। ମାତ୍ର ଇତିମଧ୍ୟରେ ୪ବର୍ଷ ପୁରି ଯାଇ ଥିଲେ ବି କିଛି ସୁଫଳ ମିଳିନାହିଁ। ସମସ୍ତ କାଗଜପତ୍ର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଜମା କରିଥିଲେ ବି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ପ୍ରାପ୍ୟ ଟଙ୍କା ମିଳି ପାରିନାହିଁ ବୋଲି ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ଅଭିଯୋଗ କରିଛନ୍ତି। ତେବେ ଏ ନେଇ ସେ ଉଚ୍ଚ ପଦସ୍ତ ଅଧିକାରୀଙ୍କୁ ଦେଖା କରିବେ ବୋଲି କହିଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ସାନ୍ତନୁ କୁମାର କରଙ୍କୁ ପଚାରିବାରେ ସେ ଅଭିଯୋଗ ପାଇଛନ୍ତି। ତାଙ୍କର ବିଲ୍‌କୁ ଗତ ସପ୍ତାହରେ ଟ୍ରେଜେରୀକୁ ପଠାଇ ଦିଆଯାଇଛି ବୋଲି କହିଛନ୍ତି।

## ଫେରିଗଲା ରାଶନ କାର୍ଡ ହିତାଧିକାରୀଙ୍କ ଟଙ୍କା

**ଲଳିତଗିରି୧।୮(ସ୍ୱ.ପ୍ର)**

କରୋନା ପାଇଁ ମାହାଙ୍ଗା ବ୍ଲକର ୩୭ ପଞ୍ଚାୟତରେ ରାଶନ କାର୍ଡ ହିତାଧିକାରୀଙ୍କ ପାଇଁ ପ୍ରତି କାର୍ଡ ପିଛା ୧ ହଜାର ଟଙ୍କା ଲେଖାଏ ଆସିଥିଲା। ଏହି ଅର୍ଥ ମଧ୍ୟରୁ ୨ ଲକ୍ଷ ୩୦ ହଜାର ଟଙ୍କା ଫେରିଯାଇଛି। ହିତାଧିକାରୀଙ୍କ ଠିକଣା ମିଳୁ ନ ଥିବାରୁ ତାହାକୁ ଫେରାଇ ଦିଆଯାଇଛି ବୋଲି ବ୍ଲକ ଯୋଗାଣ ଅଧିକାରୀ ଶକଳେଶ୍ୱର ଦାସ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ, ରାଶନ କାର୍ଡରେ ଅର୍ଥ ପାଇ ନ ଥିବା ୩୦ ଜଣ ହିତାଧିକାରୀ ଆବେଦନ କରିଥିଲେ । ସେମାନଙ୍କ ମଧ୍ୟରୁ ୨୭ ଜଣଙ୍କୁ ଦିଆଯାଇଛି। ୩ ଜଣଙ୍କର କୌଣସି ଠିକଣା ମିଳି ନ ଥିଲା। ଏହାଛଡ଼ା ଆବେଦନ କରି ନ ଥିବା ବହୁ ହିତାଧିକାରୀଙ୍କ ଠିକଣା ମଧ୍ୟ ମିଳୁ ନାହିଁ। ଫଳରେ ଏହି ଅର୍ଥ ଫେରିଯାଇଛି।



କଟକ କୁମ୍ଭାରସାହି ଅଞ୍ଚଳରେ ଜଣେ ଶିଳ୍ପୀ ଗଣେଶଙ୍କ ମୃଣ୍ମୟ ପ୍ରତିମାଙ୍କୁ ରଙ୍ଗତୂଳୀରେ ଶେଷ ସ୍ପର୍ଶ ଦେଉଛନ୍ତି।

## ଜଗତ୍‌ସିଂପୁରରେ ପୁଣି ୧୯ କରୋନା ପଜିଟିଭ୍

**ଜଗତ୍‌ସିଂହପୁର ଅଫିସ, ୧।୮**

ଜଗତ୍‌ସିଂହପୁର ଜିଲାରେ ପୁଣି ୧୯ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ସଂକ୍ରମିତ ସଂଖ୍ୟ ୭୨୬ରେ ପହଞ୍ଚିଛି । ନୂଆ ୧୯ ପଜିଟିଭ୍‌ଙ୍କ ମଧ୍ୟରୁ ଜଗତ୍‌ସିଂହପୁର ବ୍ଲକରୁ ୮, ଏରସମା ୪, ବାଲିକୁଦାରୁ ୨ ଜଣ ଥିବା ବେଳେ କୁଜଙ୍ଗ, ରଘୁନାଥପୁର, ତିର୍ତ୍ତୋଲ, ନାଉଗାଁ ଓ ପାରାଦୀପ ପୌରାଞ୍ଚଳରୁ ଜଣେ ଲେଖାଏ ଚିହ୍ନଟ ହୋଇଛନ୍ତି । ଜଗତ୍‌ସିଂହପୁର ବ୍ଲକର ୮ ପଜିଟିଭ୍‌ଙ୍କ ମଧ୍ୟରୁ କର୍ଣ୍ଣାଟକରୁ ୩ ଜଣ ଫେରିଛନ୍ତି । ଅନ୍ୟ ୫ ଜଣଙ୍କ ମଧ୍ୟରୁ ୩ ଜଣ ଜିଲା ମୁଖ୍ୟ ଚିକିତ୍ସାଳୟରେ ଆଇସୋଲେଶନ୍‌ରେ ଥିବାବେଳେ ଜଣେ ପୁରୁଣା ପଜିଟିଭ୍‌ଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି । ଆଉ ଜଣେ ହୋମ କ୍ୱାରାଣ୍ଟାଇନ୍‌ରେ ଥିଲେ। ଏରସମାର ୪ ସଂକ୍ରମିତଙ୍କ ମଧ୍ୟରୁ ୨ ଜଣ ଜିଲା ମୁଖ୍ୟ ଚିକିତ୍ସାଳୟ ସଙ୍ଗରୋଧରେ ଥିବାବେଳେ ଜଣେ ପଜିଟିଭ୍‌ଙ୍କ ସଂସ୍ପର୍ଶରେ ଆସିଥିଲେ । ଆଉ ୨ ଜଣ ହୋମ କ୍ୱାରାଣ୍ଟାଇନ୍‌ରେ ଥିବାବେଳେ ଜଣେ ପଜିଟିଭ୍‌ଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି । ବାଲିକୁଦାର ୨ ଜଣଙ୍କ ମଧ୍ୟରୁ ଜଣେ ତାମିଲନାଡୁ ଓ ଅନ୍ୟ ଜଣେ ଝାଡ଼ଖଣ୍ଡରୁ ଫେରିଛନ୍ତି । କୁଜଙ୍ଗ ଆକ୍ରାନ୍ତ କର୍ଣ୍ଣାଟକ ଓ ରଘୁନାଥପୁର ଆକ୍ରାନ୍ତ ତେଲଙ୍ଗାନାରୁ ଫେରି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର (ଟିଏମ୍‌ସି)ରେ ଥିଲେ। ତିର୍ତ୍ତୋଲର ଆକ୍ରାନ୍ତ ବ୍ୟକ୍ତି ପଶ୍ଚିମବଙ୍ଗରୁ ଫେରି କଟକ ବଡ ଡାକ୍ତରଖାନାର ସଙ୍ଗରୋଧ କେନ୍ଦ୍ରରେ ଥିଲେ । ନାଉଗାଁ ଆକ୍ରାନ୍ତ ବ୍ୟକ୍ତି ଜିଲା ମୁଖ୍ୟ ଚିକିତ୍ସାଳୟରେ ସଙ୍ଗରୋଧରେ ଥିଲେ। ପାରାଦୀପ ପୌରାଞ୍ଚଳର ଆକ୍ରାନ୍ତ ବ୍ୟକ୍ତି ପାରାଦୀପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଲାବୋରେଟୋରି ଟେକ୍ନିସିଆନ୍ ଭାବେ କାମ କରନ୍ତି। ଦିନକୁ ଦିନ ଜଗତ୍‌ସିଂହପୁରରେ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ଭୟର ବାତାବରଣ ସୃଷ୍ଟି ହୋଇଛି।

## ନିରାଡ଼ମ୍ବରେ ଇଦ୍-ଉଜ୍-ଜୁହା ପାଳିତ

**ଧର୍ମଶାଳା,୧।୮(ଡି.ଏନ.ଏ.)**

ତ୍ୟାଗ ଓ ବଳିଦାନର ପର୍ବ ଇଦ୍-ଉଜ୍-ଜୁହା ଚଳିତ ଥର କରୋନା କଟକଣା ପାଇଁ ନିରାଡ଼ମ୍ବର ଢଙ୍ଗରେ ପାଳିତ ହୋଇଛି। ପରମ୍ପରା ଅନୁଯାୟୀ ଏହି ପର୍ବରେ ମୁସଲମାନ ଭାଇମାନେ ଇଦଗାହା ଓ ମସଜିଦରେ ଏକତ୍ରୀତ ହୋଇ ନମାଜ ପାଠ କରିଥାନ୍ତି । ହେଲେ ଚଳିତଥର କରୋନା ପାଇଁ କଟକଣା ଜାରି କରାଯାଇଥିବାରୁ ସମୂହ ନମାଜ ପାଠ ବନ୍ଦ ରହିଥିଲା। ଧର୍ମଶାଳା ବ୍ଲକର ଧର୍ମଶାଳା ବଜାର , ଚୋରମୁହାଁ, ଚହଟା, ମଙ୍ଗଳପୁର, କାଏମା, ନେଉଳପୁର ଆଦି ଅଞ୍ଚଳରେ ସମୂହ ନମାଜ ପାଠ ବନ୍ଦ ହୋଇଥିଲା। ପରମ୍ପରାକୁ ରକ୍ଷା କରି ଇଦଗାହା ଓ ମସଜିଦରେ ୪ରୁ ୫ ଜଣ ସାମାଜିକ ଦୂରତ୍ୱ ରକ୍ଷା କରି ନମାଜ ପାଠ କରିଥିଲେ। ଅନ୍ୟମାନେ ନିଜନିଜ ଘରେ ନମାଜ ପାଠ କରିଥିଲେ।

## ବ୍ୟାରେଜ ନିର୍ମାଣ ପାଇଁ ଜନସୁରକ୍ଷା ମଞ୍ଚର ଦାବି

**କେନ୍ଦ୍ରାପଡ଼ା ଅଫିସ, ୧।୮**

କେନ୍ଦ୍ରାପଡ଼ା ଜିଲାରେ ମୌସୁମୀ ବର୍ଷା ଦୁଇମାସ ଧରି କମ୍ ରହିଛି । ମହାନଦୀ ଓ ବ୍ରାହ୍ମଣୀର ଜଳ ଜିଲାରେ ପ୍ରବାହିତ ନଦୀପଥ ଦେଇ ସମୁଦ୍ରକୁ ପଳାଇ ଯାଉଛି । ଜଳ ଅମଳ ପ୍ରକଳ୍ପ ନ ଥିବାରୁ କୃଷିପ୍ରଧାନ ଏହି ଜିଲାର ଚାଷୀ ବର୍ଷସାରା ଫସଲ କରିବାରୁ ବଞ୍ଚିତ ହେଉଛନ୍ତି। ଜିଲାରେ ପ୍ରବାହିତ ଲୁଣା, ଚିତ୍ରୋପ୍ତଳା ଓ ବ୍ରାହ୍ମଣୀ ନଦୀ ପଥରେ ବ୍ୟାରେଜ ନିର୍ମାଣ ହେଲେ ସମୁଦ୍ରରେ ମିଶୁଥିବା ମହାନଦୀର ମଧୁର ଜଳ ସଂରକ୍ଷିତ ହୋଇପାରିବ । ଫଳରେ ଜିଲାର ଆର୍ଥିକ ବିକାଶ ହେବ । ଏପରି ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ କେନ୍ଦ୍ରାପଡା ଜିଲା ଜନ ସୁରକ୍ଷା ମଞ୍ଚ ପକ୍ଷରୁ ଶୁକ୍ରବାର ଡାକ ଯୋଗେ ପଠାଯାଇଛି । ଏ ନେଇ ମଞ୍ଚ ସଭାପତି ଗଣେଶ ଚନ୍ଦ୍ର ସାମଲ କୁହନ୍ତି, ଜିଲାର କୃଷି ସମ୍ପଦ ମହାନଦୀ ଓ ବ୍ରାହ୍ମଣୀ ସିଷ୍ଟମର ଜଳକୁ ନେଇ ତିଷ୍ଠିଛି ।

ତେବେ ଏହି ଦୁଇ ସିଷ୍ଟମରେ ଥିବା ନଦୀର ଜଳ ଜିଲାରେ ପୂର୍ଣ୍ଣ ଭାବେ ଉପଯୋଗ ହୋଇପାରୁ ନାହିଁ। ମହାନଦୀ ଓ ବ୍ରାହ୍ମଣୀ ସିଷ୍ଟମରେ ଥିବା କେତେଗୁଡିଏ ସ୍ଥାନରେ ବ୍ୟାରେଜ ନିର୍ମାଣ କଲେ ଜିଲାର କୃଷି ସମସ୍ୟା ବହୁ ପରିମାଣରେ କମିଯିବ। ମହାନଦୀର ଶାଖା ଲୁଣା ଓ ଚିତ୍ରୋପ୍ତଳା ନଦୀର କୁଆଁରପାଳ ଓ ବ୍ରାହ୍ମଣୀ ନଦୀର ଅଳପୁଆ ନିକଟରେ ବ୍ୟାରେଜ ନିର୍ମାଣ କଲେ ଚାଷ ସହିତ ପାନୀୟ ଜଳର ଉପଯୋଗ ହୋଇପାରିବ । ଏହାଦ୍ୱାରା ମହାନଦୀ ଓ ବ୍ରାହ୍ମଣୀରେ ବନ୍ୟା ସମୟକୁ ଛାଡିଦେଲେ ବର୍ଷସାରା ଜଳ ସଂରକ୍ଷଣ ହୋଇ ଜିଲାର କୃଷି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ। ଏହି ଦାବିପତ୍ରରେ ମଞ୍ଚର ଶତାଧିକ ସଦସ୍ୟ ସ୍ୱାକ୍ଷର କରିଛନ୍ତି।

# ମରଣଯନ୍ତା ପାଲଟିଛି ବାଲିଚନ୍ଦ୍ରପୁର-ବେଣିପୁର ରାସ୍ତା

**ଚଣ୍ଡିଖୋଲ,୧।୮(ଡି.ଏନ୍.ଏ.)**

ପଟ୍ଟାମୁଣ୍ଡାଇ କେନାଲର ବାମ ପାର୍ଶ୍ୱ ଦେଇ ଯାଇଥିବା ବାଲିଚନ୍ଦ୍ରପୁର-ବେଣିପୁର ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଏହି ରାସ୍ତାରେ କିଛି ସ୍ଥାନରେ ବଡ଼ ବଡ଼ ଗାଡ ହୋଇଥିବା ବେଳେ ଆଉ କେତେକ ସ୍ଥାନରୁ ଗୋଡ଼ି ମୋରମ ଉଠିଯାଇଛି। ଫଳରେ ଯାତାୟାତରେ ଅସୁବିଧା ହେଉଛି। ରାସ୍ତାର ଜଗତପୁରଠାରୁ ଅଳଭା ପର୍ଯ୍ୟନ୍ତ ଉନ୍ନତୀକରଣ ନାମରେ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି। ମାତ୍ର କୌଣସି ଫଳପ୍ରଦ ହେଉନାହିଁ। ଏପରିକି ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁରଠାରୁ ଦେଙ୍କୁରି ପର୍ଯ୍ୟନ୍ତ ଯାଇଥିବା ରାସ୍ତାରେ ଚଳପ୍ରଚଳ କରିବା ସମ୍ଭବ ହେଉନାହିଁ। ଏହି ରାସ୍ତା ପୂର୍ବରୁ କେନ୍ଦ୍ରାପଡ଼ା ଜଳ ସମ୍ପଦ ବିଭାଗ ଅଧୀନରେ ଥିଲା। ୨୦୧୪ରେ ବାଲିଚନ୍ଦ୍ରପୁରଠାରୁ ଇନ୍ଦୁପୁର ପର୍ଯ୍ୟନ୍ତ ରାସ୍ତା ଉନ୍ନତୀକରଣ ନାମରେ ୧୪ କୋଟି ୮୫ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିଲା। ଏହି କାର୍ଯ୍ୟ ଡିସେମ୍ବର ୨୦୧୬ ଶେଷ ହୋଇଥିଲା। ମାତ୍ର ରାସ୍ତା ନିର୍ମାଣରେ ବ୍ୟାପକ ଓ ଅନିୟମିତତା ହୋଇଥିବା ନେଇ ତତ୍କାଳୀନ ଜଳ ସମ୍ପଦ ସଚିବ ପ୍ରଦୀପ ଜେନାଙ୍କ ନିକଟରେ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ସଚିବ ଜେନା କ୍ଷେତ୍ର ପରିଦର୍ଶନ କରି ବିଭାଗୀୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଥିଲେ। ଏହାପରେ ୨୦୧୯ରେ ରାସ୍ତା ମରାମତି ନାମରେ ଜଳ ସମ୍ପଦ ବିଭାଗ ତରଫରୁ ୧୭ ଲକ୍ଷ ୮୫ ହଜାର ଟଙ୍କା ବ୍ୟୟରେ ବାଲିଚନ୍ଦ୍ରପୁରଠାରୁ ବେଣିପୁର ପର୍ଯ୍ୟନ୍ତ ମରାମତି ହୋଇଥିଲା। ତେବେ ମରାମତି ହେବାର ମାସକ ପରେ ରାସ୍ତା ପୁନର୍ବାର ଖରାପ ହୋଇଯାଇଥିଲା। ଏଥିଯୋଗୁ ରାସ୍ତା ଦାୟିତ୍ୱ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ଡିସେମ୍ବର ୨୦୧୯ରେ ପୂର୍ତ୍ତ ବିଭାଗ ଏହି ରାସ୍ତାକୁ ନିଜ ଅଧୀନକୁ ନେବା ପରେ ଖୁବଶୀଘ୍ର ଟେଣ୍ଡର କରି କାମ ଆରମ୍ଭ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ମାତ୍ର ଏ ପର୍ଯ୍ୟନ୍ତ ରାସ୍ତାର କାର୍ଯ୍ୟ ହୋଇନାହିଁ କିମ୍ବା ମରାମତି ହୋଇନାହିଁ।

ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ରୋହିତ ବିଶ୍ୱାଳ କହିଛନ୍ତି, ସମ୍ପୃକ୍ତ ରାସ୍ତା ପାଇଁ ଟଙ୍କା ଥିଲେ ମଧ୍ୟ କରୋନା କଟକଣା ପାଇଁ ବିଳମ୍ବ ହୋଇଛି। ଖୁବ୍‌ଶୀଘ୍ର ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ହେବ ବୋଲି ସେ ସୂଚନା ଦେଇଛନ୍ତି।



ବାଲିଚନ୍ଦ୍ରପୁର-ବେଣିପୁର ରାସ୍ତାରୁ ଗୋଡ଼ି ମୋରମ ଉଠିଯାଇଛି।

